# NATIONAL NEWS BULLETIN (ODIA)

**19 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୧୯ତମ ଜି-୨୦ ଶିଖର ସମ୍ମିଳନୀ ଅବସରରେ ପାରସ୍ପରିକ ସମ୍ପର୍କ, ବିଶ୍ୱଶାନ୍ତି ଏବଂ ପରିବେଶ ସୁରକ୍ଷା ନିଶ୍ଚିତ କରିବା ନେଇ ବିଶ୍ୱସ୍ତରୀୟ ନେତାଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ହେବାକୁ ଥିବା ଭୋଟ୍ ଗ୍ରହଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ।

- ପ୍ରଦୂଷଣ ସ୍ତରକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ସମ୍ଭବ ହୋଇ ପାରୁଥିବା ସ୍ଥାନରେ ଭର୍ଚୁଆଲ ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ।

ଏବଂ

- ଗୋଆରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୫୫ତମ ସଂସ୍କରଣ ।

# ପିଏମ୍-ଜି୨୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲର ରିଓ ଡି ଜେନେରିଓ ସହରରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀ ଅବସରରେ ବିଶ୍ୱସ୍ତରୀୟ ନେତାମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇ ଆଲୋଚନା କରିଛନ୍ତି । ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍‌ସିସି, ଦକ୍ଷିଣ କୋରିଆର ରାଷ୍ଟ୍ରପତି ୟୁନ୍ ସୁକ ୟେଲ ଏବଂ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ ଦେର୍ ଲେୟେନଙ୍କ ସମେତ ବିଶ୍ୱସ୍ତରୀୟ ନେତାମାନଙ୍କ ସହ ହୋଇଥିବା ଆଲୋଚନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ମଙ୍ଗଳ ପାଇଁ ଭାରତ ୟୁରୋପୀୟ ସଂଘ ସହିତ ଘନିଷ୍ଠ ଭାବେ କାର୍ଯ୍ୟ ଜାରି ରଖିବ । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବଓ ସୁବିୟାନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ଭାରତ-ଇଣ୍ଡୋନେସିଆ କୂଟନୈତିକ ସମ୍ପର୍କର ୭୫ବର୍ଷ ପୂର୍ତ୍ତି ଅବସରରେ ବାଣିଜ୍ୟ, ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ଉପରେ ଆଲୋଚନା କରିଥିଲେ । ଅନ୍ୟପକ୍ଷରେ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଲୁଇସ୍ ମାଣ୍ଟିନେଗ୍ରୋଙ୍କ ସହ ହୋଇଥିବା ଆଲୋଚନାରେ ଅକ୍ଷୟଶକ୍ତି, ସବୁଜ ହାଇଡ୍ରୋଜେନ ଏବଂ ପ୍ରତିରକ୍ଷା ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ନରୱେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାରେ ବାଣିଜ୍ୟ, ଅର୍ଥନୈତିକ ସହଯୋଗ, ଅକ୍ଷୟଶକ୍ତି ଏବଂ ନୀଳ ଅର୍ଥନୀତି କ୍ଷେତ୍ରରେ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଆଲୋଚନା ବିଶ୍ୱସ୍ତରୀୟ

ସହଯୋଗକୁ ପ୍ରୋତ୍ସାହନ ଦେବା ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଭାଗିଦାରୀକୁ ସୁଦୃଢ଼ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ସୂଚାଉଛି ।

ଏହା ପୂର୍ବରୁ ଜି-୨୦ର ଉଦ୍‌ଘାଟନୀ ଅଧିବେଶନରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦାରିଦ୍ର୍ୟ ଦୂରୀକରଣ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତର ସଫଳତା ଉପରେ ଆଲୋକପାତ କରିଥିଲେ । ଗତ ଦଶନ୍ଧିରେ ଦେଶର ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ଭଳି ସଫଳତାର କାହାଣୀ ସମ୍ପର୍କରେ ଶ୍ରୀ ମୋଦୀ ରେଖାପାତ କରିଥିଲେ । ବିଶ୍ୱ କ୍ଷୁଧା ଏବଂ ଦାରିଦ୍ର୍ୟର ମୁକାବିଲା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ମୋଦୀ ଜି-୨୦ ଆଲୋଚନାରେ ବିଶ୍ୱ ଦକ୍ଷିଣପନ୍ଥୀ ଚିନ୍ତାଧାରାକୁ ଗୁରୁତ୍ୱ ଦେବାକୁ କହିଥିଲେ । କ୍ଷୁଧା ଓ ଦାରିଦ୍ର୍ୟ ବିରୁଦ୍ଧରେ ବୈଶ୍ୱିକ ମେଣ୍ଟ ଆରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ପ୍ରଶଂସା କରିଥିଲେ ଏବଂ ବିଶ୍ୱବ୍ୟାପୀ ଦୁର୍ବଳ ସମ୍ପ୍ରଦାୟର ଉତ୍‌ଥାନ ଉଦ୍ଦେଶ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଭାରତ ସମ୍ପୂର୍ଣ୍ଣ ସମର୍ଥନ ଦେବ ବୋଲି ଆଶ୍ୱାସନା ଦେଇଥିଲେ ।

ସ୍ଥାନୀୟ କୃଷି, ଜୈବିକ କୃଷି, ବାଜରା ଏବଂ ଜଳବାୟୁ ସହନଶୀଳ ଫସଲକୁ ପ୍ରୋତ୍ସାହିତ କରିବା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଭାରତର ଡିଜିଟାଲ ଭିତ୍ତିଭୂମି, ଡିଜିଟାଲ କୃଷି ମିଶନ ସମାବେଶୀ ବିକାଶ ପାଇଁ ବୈଶ୍ୱିକ ମଡେଲ ଭାବେ କାର୍ଯ୍ୟ କରୁଛି ।

ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇଣ୍ଡୋନେସିଆ, ପର୍ତ୍ତୁଗାଲ, ଇଟାଲୀ, ଇଂଲଣ୍ଡ ଏବଂ ନରୱେର ରାଷ୍ଟ୍ର ମୁଖ୍ୟମାନଙ୍କୁ ଭେଟିଥିଲେ । ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗରେ ପାରସ୍ପରିକ ସ୍ୱାର୍ଥର ବିଭିନ୍ନ କ୍ଷେତ୍ରରେ ସହଯୋଗର ସମୀକ୍ଷା କରିବା ଉପରେ ପ୍ରାଥମିକତା ଦିଆଯାଇଥିଲା । ଏହି ବୈଠକ ଗୁଡ଼ିକର ପ୍ରମୁଖ ଆକର୍ଷଣ ଥିଲା ବ୍ରିଟେନରେ ଦୁଇଟି ନୂତନ ବାଣିଜ୍ୟ ଦୂତାବାସର ଘୋଷଣା । ଭାରତରୁ ବ୍ରିଟେନ ପର୍ଯ୍ୟନ୍ତ ଆର୍ଥିକ ଅପରାଧିକ ପ୍ରସଙ୍ଗକୁ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ହୋଇଥିବା ବୈଠକରେ ମହାକାଶ, ଶକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅନ୍ୟାନ୍ୟ ଭବିଷ୍ୟତ କ୍ଷେତ୍ର ଉପରେ ଆଲୋଚନା କରାଯାଇଥିଲା ।

## ଝାଡ଼ଖଣ୍ଡ ପଲ

ଝାଡ଼ଖଣ୍ଡରେ ଆସନ୍ତାକାଲି ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୨ଟି ଜିଲ୍ଲାର ମୋଟ ୩୮ଟି ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ୧୪ହଜାର ୨୧୮ଟି ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୫୫ଜଣ ମହିଳାଙ୍କ ସମେତ ୫୨୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୧କୋଟି ୨୩ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ

ମତଦାନ କରିବେ । ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ବାଚସ୍ପତି ରବୀନ୍ଦ୍ର ନାଥ ମହତୋ, ରାଜ୍ୟ ବିଜେପି ସଭାପତି ବାବୁଲାଲ ମାରାଣ୍ଡି, ବିରୋଧୀଦଳ ନେତା ଅମରନାଥ କୁମାର ବାଉରୀ, ଏ.ଜେ.ଏସ୍.ୟୁ ସଭାପତି ସୁଦେଶ କୁମାର ମହତୋ ଏବଂ କଳ୍ପନା ସୋରେନ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ମହା-ପୋଲ ଆରେଞ୍ଜମେଣ୍ଟ

ମହାରାଷ୍ଟ୍ର ବିଧାନସଭାର ୨୮୮ଟି ଆସନ ନିମନ୍ତେ ଆସନ୍ତାକାଲି ଗୋଟିଏ ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶାସକ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ କ୍ଷମତା ବଜାୟ ରଖିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମହାବିକାଶ ଅଘାଡ଼ି  ମେଣ୍ଟ ରାଜ୍ୟରେ ପୁଣି କ୍ଷମତାକୁ ଫେରିବା ଲାଗି ଉଦ୍ୟମ କରୁଛି ।  ଆସନ୍ତାକାଲି ୪ ହଜାର ୧୩୬ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଣ୍ଣୟ ହେବ । ଏହି ନିର୍ବାଚନରେ ୨ହଜାର ୮୬ ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି । ବିଜେପି ୧୪୯ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୮୧ଟି ଏବଂ ଅଜିତ ପାୱାର ନେତୃତ୍ୱାଧୀନ ଏନ୍.ସି.ପି. ୫୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ସେହିପରି କଂଗ୍ରେସ ୧୦୧ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୯୫ ଓ ଶରଦପାୱାର୍ ଏନ୍.ସି.ପି. ୮୬ଟି ଆସନରେ

ପ୍ରତିଦ୍ୱନ୍ଦ୍ୱିତା କରୁଛି । ବହୁଜନ ସମାଜପାର୍ଟି ଏବଂ ଏ.ଆଇ.ଏମ୍.ଆଇ.ଏମ୍. ମଧ୍ୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବହୁଜନ ସମାଜପାର୍ଟି ୨୩୭ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍. ୧୭ଟି ଆସନରେ ପ୍ରାର୍ଥୀ ଦେଇଛି । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ଏସ୍‌ସି ଭର୍ଚ୍ଚୁଆଲ

ଜାତୀୟ ରାଜଧାନୀ ଅଞ୍ଚଳରେ ଗୁରୁତର ପ୍ରଦୂଷଣ ସ୍ତରକୁ ଦୃଷ୍ଟିରେ ରଖି ସମ୍ଭବ ହୋଇପାରୁଥିବା ସ୍ଥାନରେ ଭର୍ଚ୍ଚୁଆଲ ଶୁଣାଣି ପାଇଁ ସମସ୍ତ ବିଚାରପତିଙ୍କୁ ଅନୁମତି ଦେବାପାଇଁ କୁହାଯାଇଥିବା ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ସୁପ୍ରିମକୋର୍ଟ ବାର୍ ଆସୋସିଏସନ ସଭାପତି କପିଲ ସିବଲଙ୍କ ସମେତ ଅନ୍ୟ ଆଇନ୍‌ଜୀବୀମାନେ ଦିଲ୍ଲୀ ଏବଂ ଏନ୍‌ସିଆର୍‌ରେ ବଢୁଥିବା ପ୍ରଦୂଷଣ ବିଷୟ ଉପସ୍ଥାପନ କରି ଏହାର ମୁକାବିଲା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ । ଏହାପରେ ଯେଉଁ ସ୍ଥାନରେ ସମ୍ଭବ ହୋଇପାରିବ, ସେଠାରେ ଭର୍ଚ୍ଚୁଆଲ ଶୁଣାଣି ପାଇଁ ଅନୁମତି ଦିଆଯାଇଥିବା, ପ୍ରଧାନ ବିଚାରପତି କହିଥିଲେ ।

# ପଞ୍ଜାବ-ବାଇପଲ

ପଞ୍ଜାବରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଉପନିର୍ବାଚନ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ ସମସ୍ତ ପ୍ରସ୍ତୁତି କରିଛନ୍ତି । ହୁସିଆରପୁରର ଚାବେୱାଲ, ଗୁରୁଦାସପୁରର ଡେରାବାବାନାନକ, ଶ୍ରୀ ମୁକ୍ତସର ସାହିବର ଗିଦେରବାହ ଏବଂ ବର୍ଣ୍ଣାଲାର ପ୍ରାୟ ୭ଲକ୍ଷ ଭୋଟର ଆସନ୍ତାକାଲି ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । ଏହି ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ରାଜ୍ୟର ଅନ୍ୟଏକ ପ୍ରମୁଖ ରାଜନୈତିକ ଦଳ ଶିରୋମଣି ଅକାଳି ଦଳ ଏହି ନିର୍ବାଚନରେ ଭାଗ ନନେବାକୁ ନିଷ୍ପତ୍ତି ନେଇଛି ।

ନିର୍ବାଚନକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପାଇଁ ୧୭ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ୬ହଜାରରୁ ଅଧିକ ରାଜ୍ୟ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୩ହଜାର ୮୦୦ରୁ ଅଧିକ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସିବିନ୍ ସି ଘୋଷଣା କରିଛନ୍ତି । ସମସ୍ତ ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ସମୟର ଲାଇଭ୍ ୱେବ୍‌କାଷ୍ଟିଂ କରାଯିବ । ଆସନ୍ତାକାଲି ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ହେବ। ଆସନ୍ତା ୨୩ ତାରିଖରେ ଭୋଟଗଣତି କରାଯିବ ।

# ୟୁକେ-ଇଣ୍ଡିଆ ଏଫ୍‌ଟିଏ

ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ରାଜିନାମା ପାଇଁ ଅଟକି ରହିଥିବା ଆଲୋଚନା ପୁର୍ନବାର ଆରମ୍ଭ କରିବାକୁ ବ୍ରିଟେନର ପ୍ରଧାନମନ୍ତ୍ରୀ କେୟାର ଷ୍ଟାର୍‌ମର ଘୋଷଣା କରିଛନ୍ତି । ବ୍ରାଜିଲରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକ ପରେ ସେ ଏହି ଘୋଷଣା କରିଛନ୍ତି । ବୈଠକ ପରେ ଷ୍ଟାରମର କହିଥିଲେ ଯେ, ଭାରତ ସହିତ ଏକ ନୂତନ ବାଣିଜ୍ୟ ଚୁକ୍ତି ବ୍ରିଟେନରେ ନିଯୁକ୍ତି ଏବଂ ସମୃଦ୍ଧିକୁ ସମର୍ଥନ କରିବ ଏବଂ ସାରା ଦେଶରେ ଅଭିବୃଦ୍ଧି ଏବଂ ସୁଯୋଗ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରିବ । ବ୍ରିଟେନ ଭାରତ ସହିତ ଏକ ନୂତନ ରଣନୈତିକ ଭାଗିଦାରୀ ଚାହୁଁଛି, ଯେଉଁଥିରେ ଏକ ବାଣିଜ୍ୟ ଚୁକ୍ତିନାମା ସହିତ ସୁରକ୍ଷା, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ପରିବର୍ତ୍ତନ ପରି କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ।

# ଆଇଏଫ୍‌ଏଫ୍‌ଆଇ ଡେ

ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୫୫ତମ ସଂସ୍କରଣ ଆସନ୍ତାକାଲି ଗୋଆରେ ଆରମ୍ଭ ହେବ । ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ସୂଚନା ଦେଇ କହିଛନ୍ତି, ଏହି ମହୋତ୍ସବରେ ୮୧ଟି ଦେଶର ୧୮୦ଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଚଳିତବର୍ଷ ଅଷ୍ଟ୍ରେଲିଆକୁ କଣ୍ଟ୍ରି ଅଫ୍ ଫୋକସ ଭାବେ ଚୟନ କରାଯାଇଛି । ଅଂଶଗ୍ରହଣକାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଦୃଢ଼ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମର ବିବିଧ ବର୍ଣ୍ଣନା ଏବଂ ଅଭିନବ ସିନେମା ସ୍ୱର ସହିତ ୨୦୨୪ ବିଶ୍ୱ ଚଳଚ୍ଚିତ୍ର ଏବଂ ସାଂସ୍କୃତିକ ଆଦାନ ପ୍ରଦାନର ଭବ୍ୟ ଉତ୍ସବ ହେବ ବୋଲି ଆଇଏଫ୍‌ଏଫ୍‌ଆଇ ପ୍ରତିଶ୍ରୁତି ଦେଇଛି ।